# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**9 July – 2025**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ପୂର୍ବାଞ୍ଚଳ ପରିଷଦ ବୈଠକରେ ଯୋଗଦେବା ପାଇଁ ଝାଡଖଣ୍ଡ ଗସ୍ତ କଲେ ମୁଖ୍ୟମନ୍ତ୍ରୀ
- ରାଜ୍ୟ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ନେଇ ସୂଚନା ଦେଲେ ରାଜ୍ୟ ବିଜେପି ସଭାପତି
- ଶିକ୍ଷା ବ୍ୟବସ୍ଥାକୁ ଅଧିକ ଗୁଣାତ୍ମକ କରିବା ପାଇଁ ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପାସ୍-ଫେଲ୍ ବ୍ୟବସ୍ଥା ଲାଗୁ ହେବା ନେଇ ଗଣଶିକ୍ଷା ବିଭାଗର ସୂଚନା
- ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଘଟିଥିବା ଦଳାଚକଟା ଘଟଣାର ତଦନ୍ତର ସାକ୍ଷ୍ୟଗ୍ରହଣ ଆରମ୍ଭ

ଏବଂ

- ଲଘୁଚାପର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା

## ଝାଡଖଣ୍ଡ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଞ୍ଚିଠାରେ ଆୟୋଜିତ ହେବାକୁ ଥିବା ପୂର୍ବାଞ୍ଚଳ ପରିଷଦ ବୈଠକରେ ଯୋଗଦେବା ପାଇଁ ଆଜି ଝାଡଖଣ୍ଡ ଗସ୍ତ କରିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ପୂର୍ବାଞ୍ଚଳ ପରିଷଦ ବୈଠକ ଅନୁଷ୍ଠିତ ହେବ। ଏଥିରେ ମାଓବାଦୀ ମୁକାବିଲା, ବିଭିନ୍ନ ରାଜ୍ୟର ଆଇନ୍‌ଶୃଙ୍ଖଳା ସ୍ଥିତି, ଆନ୍ତଃରାଜ୍ୟ ସମନ୍ୱୟ ଏବଂ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ବିଷୟ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଓଡ଼ିଶା ସମେତ ଝାଡଖଣ୍ଡ, ବିହାର ଓ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଏବଂ ବହୁ ଉଚ୍ଚ ପଦାଧିକାରୀ ଯୋଗଦେବେ।

## ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ

ରାଜ୍ୟ ମନ୍ତ୍ରୀମଣ୍ଡଳର ସମ୍ପ୍ରସାରଣ ଖୁବ୍ ଶୀଘ୍ର ହେବ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି। ଭୁବନେଶ୍ୱରଠାରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଶ୍ରୀ ସାମଲ କହିଛନ୍ତି, ବିଭିନ୍ନ ବୋର୍ଡ ଓ ନିଗମରେ ଅଧ୍ୟକ୍ଷ ପଦ ନିଯୁକ୍ତି ଖୁବ୍ ଶୀଘ୍ର ଆରମ୍ଭ କରାଯିବା ନେଇ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ନେଇ ଦଳ କାର୍ଯ୍ୟ କରୁଛି ବୋଲି ଶ୍ରୀ ସାମଲ କହିଛନ୍ତି।

## ଶିକ୍ଷା ସଂସ୍କାର

ଶିକ୍ଷା ବ୍ୟବସ୍ଥାକୁ ଅଧିକ ଗୁଣାତ୍ମକ କରିବା ପାଇଁ ଗଣଶିକ୍ଷା  ବିଭାଗ ପକ୍ଷରୁ ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପାସ୍ ଏବଂ ଫେଲ୍ ବ୍ୟବସ୍ଥା ଲାଗୁ କରାଯିବ। ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁସାରେ, ପ୍ରତି ବର୍ଷ ପରି ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବ। ଏହି ଦୁଇ ଶ୍ରେଣୀରେ ଫେଲ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁଣି ଥରେ ପରୀକ୍ଷା ଦେବା ପାଇଁ ସୁଯୋଗ ଦିଆଯିବ। ପରୀକ୍ଷା ଫଳ ପ୍ରକାଶର ୨ ମାସ ମଧ୍ୟରେ ପୁନଃ ପରୀକ୍ଷା କରାଯିବା ନେଇ ବିଜ୍ଞପ୍ତିରେ କୁହାଯାଇଛି। ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଯାଏଁ ବିଦ୍ୟାର୍ଥୀଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦିଆଯିବ। ପ୍ରାଥମିକ ଶିକ୍ଷା ସମାପ୍ତ ପୂର୍ବରୁ କୌଣସି ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ହେଲେ ମଧ୍ୟ ବିଦ୍ୟାଳୟରୁ ବାହାର କରାଯିବ ନାହିଁ।

## ବିଦ୍ୟାର୍ଥୀ ଦିବସ

ଜାତୀୟ ବିଦ୍ୟାର୍ଥୀ ଦିବସ ଆଜି ପାଳନ କରାଯାଉଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ-ଏବିଭିପି ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା, ନୈତିକତା ଓ ସାମାଜିକ ଦାୟିତ୍ୱ ପ୍ରତି ଉତ୍ସାହିତ କରିବା ଲାଗି ପ୍ରୟାସ କରାଯାଉଛି। ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଶିକ୍ଷା ମାଧ୍ୟମରେ ସଶକ୍ତୀକରଣ'। ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏହି ଉପଲକ୍ଷେ ଆଲୋଚନାଚକ୍ର, ସାମାଜିକ ସଚେତନତା ଅଭିଯାନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଏବିଭିପିର ପ୍ରତିଷ୍ଠା ଦିବସରେ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ମାଝୀ କହିଛନ୍ତି, ଜ୍ଞାନ-ଚରିତ୍ର ଏକତାର ସୂତ୍ର

ସହ ଭାରତୀୟ ମୂଲ୍ୟବୋଧ ଅନୁରୂପ ରାଷ୍ଟ୍ର ଚେତନା ନିର୍ମାଣ ଓ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଷ୍ଟ୍ରପ୍ରେମର ସଂସ୍କାର ସଂଚାର କରିଆସୁଛି ।

## ବଡ଼ମେଡ଼ିକାଲ

ଛୁଟିଦିନରେ ମାନସିକ ରୋଗୀଙ୍କ ପାଇଁ କଟକ ବଡ଼ମେଡ଼ିକାଲର ବହିର୍ବିଭାଗ ଖୋଲା ରହିବ । କ୍ଲିନିକାଲ୍ ମନସ୍ତାତ୍ତ୍ୱିକ ଓ ମନସ୍ତାତ୍ତ୍ୱିକ ସାମାଜିକ କର୍ମୀ ଛୁଟିଦିନରେ ବହିର୍ବିଭାଗରେ ଉପସ୍ଥିତ ରହିବେ । ସେହିପରି ରବିବାର ମଧ୍ୟ ବହିର୍ବିଭାଗ ଖୋଲା ରହିବ । ପୂର୍ବରୁ ସପ୍ତାହରେ ରବିବାର ବ୍ୟତୀତ ୬ ଦିନ ବହିର୍ବିଭାଗ ଖୋଲା ରହୁଥିଲା । ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଡାକ୍ତରଖାନା କର୍ତ୍ତୃପକ୍ଷ ଏହି ନିଷ୍ପତ୍ତି ନେଇଛନ୍ତି ।

## ଦଳାଚକଟା-ସାକ୍ଷ୍ୟ ଗ୍ରହଣ

ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟା ଘଟଣାର ତଦନ୍ତ କରୁଥିବା ଉନ୍ନୟନ କମିଶନର ଅନୁ ଗର୍ଗ ଆଜି ଅପରାହ୍ଣ ୩ଟାରେ ଭୁବନେଶ୍ୱର ରାଜ୍ୟ ଅତିଥି ଭାବନରେ ସାକ୍ଷ୍ୟ ଗ୍ରହଣ କରିବେ। ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ଦେବାପାଇଁ ସ୍ୱତନ୍ତ୍ର ମେଲ୍ ଆଇଡି ଏବଂ ଯୋଗାଯୋଗ ନମ୍ବର ଜାରି କରାଯାଇଛି। ଯୋଗାଯୋଗ ନମ୍ବର ହେଉଛି- ୦୬୭୪-୨୫୩୬-୮୮୨ ଏବଂ ୦୬୭୪-୨୩୯୧-୯୭୦ ।

ସାକ୍ଷ୍ୟଗ୍ରହଣର ଦ୍ୱିତୀୟ ଦିନରେ ଆସନ୍ତାକାଲି ଅପରାହ୍ଣ ୩ଟାରେ ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ରେ ଏହି ଘଟଣା ସଂପର୍କରେ ଆଗ୍ରହୀ ବ୍ୟକ୍ତି ସାକ୍ଷ୍ୟ ଦେଇପାରିବେ ବୋଲି ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ।

କେଉଁ ପରିସ୍ଥିତିରେ ଅଘଟଣ ଘଟିଲା, ସେ ସମ୍ପର୍କରେ କୌଣସି ବ୍ୟକ୍ତିବିଶେଷ କିମ୍ବା ସଂସ୍ଥା କୌଣସି ସୂଚନା କିମ୍ବା ତଥ୍ୟ ଏବଂ ଭିଡିଓ ଦେବାକୁ ଆଗ୍ରହୀ ଥିଲେ puritragedy.enquiry@odisha.gov.inରେ ଯୋଗାଯୋଗ କରିବାକୁ କୁହାଯାଇଛି ।

## ପ୍ରତିଷ୍ଠା ଦିବସ

**ଭଦ୍ରକ** ସ୍ୱୟଂଶାସିତ ମହାବିଦ୍ୟାଳୟର ୭୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉତ୍ତରୋତ୍ତର ଉନ୍ନତ କାମନା କରିବା ସହ ଜୀବନରେ ଶୃଙ୍ଖଳା ଓ କର୍ତ୍ତବ୍ୟ ସମ୍ପାଦନ ଉପରେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ଶିକ୍ଷାବିତ୍, ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

## ସୁରକ୍ଷା କର୍ମଶାଳା

**ଭଦ୍ରକ** ଜିଲ୍ଲାର ବରପଦା କେକେଆର ମହିଳା ମହାବିଦ୍ୟାଳୟଠାରେ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ବ୍ୟବସ୍ଥା ଓ ସୁରକ୍ଷା ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍‌ସେବା

ପ୍ରାଧିକରଣ ସଚିବ ପୂର୍ଣ୍ୟଶ୍ଳୋକ ରଥ କର୍ମଶାଳାରେ ଯୋଗଦେଇ ଅସହାୟ ଓ ସାଧାରଣ ମହିଳାଙ୍କ ପାଇଁ ରହିଥିବା ବିଭିନ୍ନ ଆଇନ୍ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକଙ୍କ ସହ ବହୁ ଆଇନଜୀବୀ ଯୋଗଦେଇଥିଲେ।

## ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆଜିଠାରୁ ସର୍ବଭାରତୀୟ ବରିଷ୍ଠ ବ୍ୟାଡ୍‌ମିଣ୍ଟନ ର୍ୟାଙ୍କିଂ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଟୁର୍ଣ୍ଣାମେଣ୍ଟରେ ଯୋଗଦେଇ କହିଛନ୍ତି, ଏଭଳି ଆୟୋଜନ ସର୍ବଭାରତୀୟ ସ୍ତରରେ ବ୍ୟାଡମିଣ୍ଟନ ଖେଳାଳିଙ୍କୁ ସେମାନଙ୍କର ପ୍ରତିଭା ପ୍ରଦର୍ଶନ ପାଇଁ ଏକ ପ୍ରକୃଷ୍ଟ ମଂଚ ପ୍ରଦାନ କରୁଛି।

ପ୍ରତିଯୋଗିତାରେ ସିଙ୍ଗିଲ୍ସ, ଡବଲସ୍, ମିକ୍ସଡ୍ ଡବଲସ୍ ଆଦି ବର୍ଗରେ ପ୍ରାୟ ୧୫ ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।

## କ୍ରୀଡା ପ୍ରତିଯୋଗିତା

ଆମେରିକାର ବର୍ମିହାମ୍‌ରେ ବିଶ୍ୱ ପୁଲିସ୍ ଓ ଅଗ୍ନିଶମ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ପୁଲିସ୍‌ର ୨୦ ଜଣ କ୍ରୀଡାବିତ୍ ପଦକ ବିଜୟୀ ହୋଇଛନ୍ତି। ସେଥିମଧ୍ୟରୁ ୧୩ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୪ଟି କାଂସ୍ୟ ପଦକ ରହିଛି। ଓଡ଼ିଶା ପୁଲିସ୍‌ରେ କାର୍ଯ୍ୟରତ

ଅଶୋକ ଦଣ୍ଡସେନା ଏକାକୀ ୪ଟି ସ୍ୱର୍ଣ୍ଣପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ରାଜ୍ୟ ପୁଲିସ୍‌ର ସଫଳ କ୍ରୀଡାବିତ୍‌ଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ନୀଳାଦ୍ରି ବିଜେ

ନବଦିନାତ୍ମକ ଯାତ୍ରା ସାରି ଗତକାଲି ଚତୁର୍ଦ୍ଧାମୂର୍ତ୍ତି ନିଳାଦ୍ରୀ ବିଜେ କରିଛନ୍ତି। ଦୀର୍ଘ ୨୭ ଦିନ ପରେ ଶ୍ରୀବିଗ୍ରହ ନୀଳାଦ୍ରି ବିଜେ କରି ରତ୍ନସିଂହାସନରେ ବିଜେ କରିଛନ୍ତି।

ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ....

ଜ୍ୟେଷ୍ଠପୂର୍ଣ୍ଣିମା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଚକ୍ରରାଜ ଶ୍ରୀସୁଦର୍ଶନ ସ୍ନାନମଣ୍ଡପକୁ ବିଜେ କରିଥିଲେ। ୧୦୮ ଗଡୁ ସୁବାଷିତ ଜଳରେ ଦାରୁବ୍ରହ୍ମଙ୍କୁ ସ୍ନା କରାଯାଇଥିଲା। ସ୍ନାନମଣ୍ଡପରୁ ବାହୁଡିବାବେଳେ ପ୍ରଭୁ ଜ୍ୱରରେ ପୀଡିତ ହୋଇଥିଲେ। ରତ୍ନସିଂହାସନ ପରିବର୍ତ୍ତେ ଅନବସର ଘରେ ବିଶ୍ରାମ କରିଥିଲେ। ସ୍ନାନପୂର୍ଣ୍ଣିମା ପରଠାରୁ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅନ୍ନପ୍ରସାଦ ଭୋଗ ଲାଗି ନଥିଲା। ଆଜିଠାରୁ ଶ୍ରୀବିଗ୍ରହଙ୍କୁ ଅନ୍ନପ୍ରସାଦ ଭୋଗ କରାଯାଇଛି। ଆଜି ପ୍ରଥମ ଦିନରେ ମହାପ୍ରଭୁଙ୍କୁ ଭୋଗ କରାଯାଉଥିବା ଅନ୍ନ’କୁ ନୀଳାଚଳ ଅବଢ଼ା

କୁହାଯାଇଥାଏ । ଭକ୍ତମାନେ ଆଜି ଶ୍ରୀଜୀଉଙ୍କୁ ଦର୍ଶନ କରି ଏବଂ ନୀଳାଚଳ ଅବଢ଼ା ପାଇ ବିଶେଷ ଆନନ୍ଦ ଅନୁଭବ କରୁଛନ୍ତି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣୀଆ

## ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୦ଟି ଜିଲ୍ଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ରାଜ୍ୟର କୌଣସି ସ୍ଥାନରେ ବନ୍ୟା ପରିସ୍ଥିତି ନାହିଁ ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୦୫ ଦଶମିକ ୯/୭ ଫୁଟ ରହିଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨ଲକ୍ଷ ୨୫ ହଜାର ୮୦୮ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୧୬ଟି ସ୍ଲୁଇସ୍ ଗେଟ୍ ଦେଇ ୨ଲକ୍ଷ ୭୦ ହଜାର ୪୨ ଘନଫୁଟ ଜଳ ନିଷ୍କାସିତ ହେଉଛି । କଟକ ମୁଣ୍ଡୁଳିଠାରେ ଆଜି ୪ ଲକ୍ଷ ୪୭ ହଜାର ଘନଫୁଟ ଜଳ ପ୍ରବାହିତ ହେଉଛି ।

*****************************